ଓଡ଼ିଶା

ଭାସ୍କର

ODISHA BHASKAR

ରାଇନାଙ୍କୁ ସୁଯୋଗ 'ହିମ୍ମତ' ଉନ୍ମୋଚିତ

ପୃଷ୍ଠା : ୧୨ ଜନସାଧାରଣଙ୍କ ସ୍ୱର ପୃଷ୍ଠା : ୧୦

2956 Published Simultaneously from Bhubaneswar, Angul & Berhampur.

Vol. 11 No.- 290 2 JANUARY FRIDAY 2015 BHUBANESWAR ଶୁକ୍ରବାର, ଜାନୁଆରୀ ୨, ୨୦୧୫

ଓଡ଼ିଶା ପୁସ୍ତକ ପରିକ୍ରମାର ଶୁଭାରମ୍ଭ

ଭୁବନେଶ୍ୱର, (ଆପ୍ର) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଓଡିଶା ପ୍ରାଥମିକ ଶିକ୍ଷ କାର୍ଯ୍ୟକ୍ରମ ପ୍ରାଧିକରଣ ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଇଣ୍ଡିଆର ମିଳିତ ସହଯୋଗ କ୍ରମେ ଓଡ଼ିଶା ପୁସ୍ତକ ପରିକ୍ରମାର ଶୁଭାରମ୍ଭ ଗୁରୁବାର ରାଜ୍ୟସ୍ତରରେ ଆରମ୍ଭ ହୋଇଛି । ବିଭାଗୀୟ କମିଶନର ତଥା ଶାସନ ସଚିବ ଉଷା ପାଢୀ ଏହି ଅଭିନବ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଆନୁଷ୍ଠାନିକ ଶୁଭାରମ୍ଭ କରି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପଠନ ପୃହା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଏହା ଏକ ଫଳପ୍ରଦ ଉଦ୍ୟମ ବୋଲି କହିଥିଲେ । ପ୍ରାୟ ୧୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଉନ୍ନତ ମାନ ଓ ରଙ୍ଗୀନ ପୁସ୍ତକର ସମ୍ଭାରକୁ ନେଇ ଦିଲ୍ଲୀରୁ ପରିକ୍ରମାରେ ଆସିଥିବା ଏହି ସୁସଜ୍ଜିତ ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ ଗାଡି ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର, କୋରାପୁଟ, ରାୟଗଡା, ବୌଦ୍ଧ, ଅନୁଗୁଳ, ଯାଜପୁର ଓ ମୟୂରଭଞ୍ଜ ଆଦି ୭ଟି ଜିଲ୍ଲାରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟସ୍ତରରେ ପ୍ରଦର୍ଶନୀ କରିବ । ରାଜ୍ୟରେ ଥିବା କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ସମେତ ୩୨ କିମ୍ବା ୫ଟି ବୁକ୍‌ର ସମନ୍ୱିତ ସ୍ଥଳରେ ଏହି ପ୍ରଦର୍ଶନୀ ଜାନୁଆରୀ ୩୨ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ । ଛାତ୍ରଛାତ୍ରୀ, ଶିକ୍ଷକ ଓ ସର୍ବସାଧାରଣଙ୍କ ନିକଟରେ ପୁସ୍ତକ ଉପଲବ୍ଧ କରାଇବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନକୁ ମଧ୍ୟ ଏଥିରେ ସାମିଲ୍ କରାଯାଇଛି । ବର୍ଷସାରା ପର୍ଯ୍ୟାୟ କ୍ରମେ ୩୦ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଉଦ୍‌ଘାଟନୀ ଉତ୍ସବରେ ଓପେପା ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମଲ୍ଲିକ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ରାଜ୍ୟ ନିର୍ଦ୍ଦେଶକ ପ୍ରେମାନନ୍ଦ ଖୁଣ୍ଟିଆ, ଓପେପା ଅତିରିକ୍ତ ନିର୍ଦ୍ଦେଶକ ଡଃ ଅଭୟ କୁମାର ନାୟକ, ହୃଷିକେଶ ରଞ୍ଜନ ଷଡଙ୍ଗୀ, ଏନ୍‌ଟିବି କୋଲିକାତା ଆଞ୍ଚଳିକ ମୁଖ୍ୟ ପରିଚାଳକ ସୁମିତ ଭଟ୍ଟାଚାର୍ଯ୍ୟ, ଆଶିଷ କୁମାର ସିହ୍ନା-ପ୍ରମୁଖ ପଦାଧିକାରୀମାନେ ଯୋଗ ଦେଇଥିଲେ ।

THE NEW INDIAN EXPRESS
BHUBANESWAR FRIDAY 2 JANUARY 2015

...fall on December 20. ... Jag- gard.

TREAT FOR BOOK-LOVERS

A woman going through a book at a Mobile Van Book Exhibition organised by National Book Trust in Bhubane Thursday | EXPRESS PHOTO

BENNETT, COLEMAN & CO. LTD. | ESTABLISHED 1838 | TIMESOFINDIA.COM BHUBANESWAR | FRIDAY, JANUARY 2, 2015 | PAGES 18 | PRICE ₹4 OR ₹6 ALONG WITH THE ECONOMIC TIMES

THE TIMES OF INDIA

INCLUSIVE OF BHUBANESWAR TIMES | EPAPER.TIMESOFINDIA.COM

Mobile book exhibition in seven districts

Bhubaneswar: There's good news for all bookworms in schools all over the state.

Schoolchildren will not even have to step out of their schools to get access to their treasured books. All they have to do is wait for the National Book Trust to visit their school. The National Book Trust opened a mobile book exhibition in association with the school and mass education department on Thursday.

The mobile exhibition will go to different primary and upper primary schools of seven districts in the state — Nabarangpur, Koraput, Rayagada, Boudh, Angul, Jajpur and Mayurbhanj. TNN

95 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017
Cuttack, Friday 2 January 2015
କଟକ, ଶୁକ୍ରବାର ୨ ଜାନୁୟାରୀ ୨୦୧୫
ଆଜି ଧନୁ ୧୮ ଦିନ, ୧୪୨୨ ସାଲ
ପୌଷ ୧୨ ଦିନ, ୧୯୩୬ ଶକାବ୍ଦ, ଶୁକ୍ଲପକ୍ଷ ଦ୍ୱାଦଶୀ
ଭାଗ-୮୬ ସଂଖ୍ୟା-୨
www.thesamaja.com
www.samajaepaper.com
₹୪.୦୦ (୨୦ ପୃଷ୍ଠା)

ଅନୁଦାନ ପ୍ରଦାନ କରିବା ସକାଶେ ରୁପା ସବୁଜ ସଙ୍କେତ ଦେଇଛନ୍ତି।

୭ ଜିଲାରେ ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର, ୧।୧ (ନି.ପ୍ର)- କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିଭାଗର ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି) ପକ୍ଷରୁ ରାଜ୍ୟର ୭ଟି ଜିଲାରେ ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ କରାଯିବ। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଭ୍ୟାସକୁ ବୃଦ୍ଧି କରିବାପାଇଁ ଏଥିରେ ପ୍ରାୟ ୧୦ଲକ୍ଷ ଟଙ୍କାର ପୁସ୍ତକ ରହିଛି। ଓପେପା ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବାଁ ଏହି ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀକୁ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ସଚିବ ଉଷା ପାଢ଼ୀ ଉଦ୍‌ଘାଟନ କରିଥିଲେ।

ପ୍ରାଥମିକ ପର୍ଯ୍ୟାୟରେ ଏହି ପୁସ୍ତକ ପ୍ରଦର୍ଶନୀ ଶନିବାରଠାରୁ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ବୌଦ୍ଧ, ଅନୁଗୋଳ, ଯାଜପୁର ଓ ମୟୂରଭଞ୍ଜ ଭଳି ଜିଲାରେ ବୁଲିବ। ଏହିସବୁ ଜିଲାର ମୁଖ୍ୟ ବ୍ଲକମାନଙ୍କରେ ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ କରାଯିବ। ଏଥିରେ ଏନ୍‌ବିଟି ପକ୍ଷରୁ ୩୦ଟି ଭାରତୀୟ ଭାଷାରେ ମୁଦ୍ରିତ ପୁସ୍ତକ ସ୍ଥାନିତ ହୋଇଛି। ଏଥିରୁ ୧୪ବର୍ଷ ବୟସର ଛାତ୍ରଛାତ୍ରୀମାନେ ସେମାନଙ୍କ ଆବଶ୍ୟକ ପାଠ୍ୟପୁସ୍ତକ ଏଠାରୁ କ୍ରୟ କରିପାରିବେ। କେଜିବିଡି ଶିକ୍ଷକ ଓ ଛାତ୍ରଛାତ୍ରୀ ଏଥିରୁ ପାଠ୍ୟପୁସ୍ତକ କିଣିବାପାଇଁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି। ଉଦ୍‌ଘାଟନୀ ଉତ୍ତରରେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ନିର୍ଦ୍ଦେଶକ ପ୍ରେମାନନ୍ଦ ଖୁଣ୍ଟିଆଙ୍କ ସହିତ ଓପେପାର ଅକ୍ଷୟ କୁମାର ନାୟକ, ହୃଦୟ ରଞ୍ଜନ ଶତପଥୀ ଏବଂ ଏନ୍‌ବିଟିର କଲିକାତା ଆଞ୍ଚଳିକ ମୁଖ୍ୟ ପରିଚାଳକ ସୁମିତ ଭଟ୍ଟାଚାର୍ଯ୍ୟ ଓ ଆଶିଷ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରମେୟ

THE PRAMEYA

www.prame

ଭୁବନେଶ୍ୱର ସମ୍ବଲପୁର ବିଶାଖାପଟ୍ଟନମ୍‌ରେ ମୁଦ୍ରିତ RNI REGD NO: ORIORI/2011/37619 POSTAL REGD NO: BN/208/12-14

ାତିସାରା ପାକ୍‌ସେନାର ଗୁଳି ବର୍ଷା ପୃଷ୍ଠା ୬

ଆଞ୍ଚାରଙ୍କ ପତ୍ନୀ ପୃଷ୍ଠା

ME 4 • ISSUE 245 • BHUBANESWAR • FRIDAY • 2 JANUARY 2015

• ବର୍ଷ ୪ • ସଂଖ୍ୟା ୨୪୫ • ଭୁବନେଶ୍ୱର • ଶୁକ୍ରବାର • ୨ ଜାନୁଆରୀ ୨୦୧୫

KKK ଆଞ୍ଚଳିକ

ଆରମ୍ଭ ହେଲା ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ

ର୍ଷ ତମାମ ବୁଲିବ ୩୦ ଜିଲ୍ଲା

ଶ୍ୱର, ୧।୧ (ବ୍ୟୁରୋ): ପିଲାଙ୍କ
ାଡ଼ି ହେବ ବହି। କେବଳ ପାଠ୍ୟ
ନୁହେଁ। ଏହି ଚାହିଦା ପୂରଣ
ବିଭିନ୍ନ ପ୍ରକାର ଗପ, ନାଟକ,
ସାହିତ୍ୟ ମାଧ୍ୟମରେ ଜାଣିହେବ
ସଂସ୍କୃତି ଓ ପରମ୍ପରା। ଗ୍ରୁପ ଓ
ମାଧ୍ୟମରେ ଜାଣି ହେବ ନିଜ
ିଲାବସ୍ ସମ୍ପର୍କରେ। ପିଲାଙ୍କ
ପଢ଼ିବାର ଅଭ୍ୟାସକୁ ବଢ଼ାବରର
ାଇଁ ଏଭଳି ପଦକ୍ଷେପ ନେଇଛି
ା ବୁକ୍ ଟ୍ରଷ୍ଟ (ଏନ୍‌ବିଟି)।
ାର କେନ୍ଦ୍ର ମାନବ ସମ୍ବଳ
ମନ୍ତ୍ରଣାଳୟ ଓ ଓପେପା
ରରେ ଅନୁଷ୍ଠିତ ଏହି
ାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ
ଚିବ ଉଷା ପାଢ଼ୀ ଆନୁଷ୍ଠାନିକ
ଉଦ୍‌ଘାଟନ କରିଥିଲେ।
ଏହି ଭ୍ରାମ୍ୟମାଣ ପୁସ୍ତକ
ଆସନ୍ତା ୩ ତାରିଖରେ
ପୁର ଜିଲ୍ଲାରେ ପହଞ୍ଚିବ।
ପର୍ଯ୍ୟାୟରେ ଏହା ରାଜ୍ୟର
ନବରଙ୍ଗପୁର, କୋରାପୁଟ,
ବୌଦ୍ଧ, ଅନୁଗୁଳ, ଯାଜପୁର

ଓ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିବ। ପରେ ବର୍ଷ ତମାମ ରାଜ୍ୟର ସବୁ ଜିଲ୍ଲାକୁ ଗସ୍ତ କରିବ। ଗୋଟିଏ ଜିଲ୍ଲାରେ ଅତିକମ୍‌ରେ ୭ରୁ ୧୦ ଦିନ ରହିବ। ଜାନୁଆରି ୩ରୁ ୧୨ ଯାଏଁ ଏହା ନବରଙ୍ଗପୁର, ଜାନୁଆରି ୧୪ରୁ ୨୨ ଯାଏଁ କୋରାପୁଟ, ଜାନୁଆରି ୨୭ରୁ ଫେବ୍ରୁଆରି ୫ ଯାଏଁ ରାୟଗଡ଼ା, ଫେବ୍ରୁଆରି ୧୦ରୁ ୧୯ ଯାଏଁ ବୌଦ୍ଧ, ଫେବ୍ରୁଆରି ୨୧ରୁ ୨୮ ଯାଏଁ ଅନୁଗୁଳ, ମାର୍ଚ୍ଚ ୩ରୁ ୧୨ ଯାଏଁ ଯାଜପୁର, ମାର୍ଚ୍ଚ ୧୫ରୁ ୩୦ ଯାଏଁ ମୟୂରଭଞ୍ଜ ଜିଲ୍ଲାରେ ଏହି ମୋବାଇଲ୍ ଭ୍ୟାନ୍ ରହିବ। ବିଶେଷକରି ଏହି ପ୍ରଦର୍ଶନୀ ମାଧ୍ୟମରେ ଏନ୍‌ବିଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍କୁଲ ପିଲାଙ୍କୁ ଟାର୍ଗେଟ କରିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ଏନ୍‌ବିଟିର ଆଞ୍ଚଳିକ ପ୍ରବନ୍ଧକ ସୁମିତ୍ ଭଟାଚାର୍ଯ୍ୟ। ଏକାବଦ୍ଧରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଉଷା ପାଢ଼ୀଙ୍କ କହିବା କଥା ପ୍ରଦର୍ଶନୀରେ ୨ ହଜାରରୁ ଊର୍ଦ୍ଧ୍ୱ ପ୍ରକାରର ବହି ରହିଛି। ଯାହା କି ଉଭୟ ପିଲା, ସେମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ପ୍ରଯୁଜ୍ୟ। ଏହି ମୋବାଇଲ୍ ଭ୍ୟାନ୍ ୩୦ଟି ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ଯିବ। ଏଥିପାଇଁ ପ୍ରାୟ ସବୁ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ସୂଚନା ଦିଆଯାଇଛି। ବସ୍ ଯାର କେଉଁ ସ୍ଥାନରେ ରହିବ ଓ ଏହାଦ୍ୱାରା କିଭଳି ସମସ୍ତେ ଲାଭବାନ ହେବେ ସେ ନେଇ ସବୁ ପ୍ରକାର ବନ୍ଦୋବସ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବୁଝିବେ। ଏହି ପ୍ରଦର୍ଶନୀ ମାଧ୍ୟମରେ ଯିଏ ବହି କିଣିବେ ତାହାକୁ ଏନ୍‌ବିଟି ୧୦% ରିହାତିରେ ବହି ଯୋଗାଇ ଦେବ। ଏହି ପ୍ରଦର୍ଶନୀ ଦ୍ୱାରା ମୁଖ୍ୟତଃ ୬ରୁ ୧୪ ବର୍ଷର ଛାତ୍ରଛାତ୍ରୀ ବେଶି ଲାଭବାନ୍ ହେବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓପେପାର ପ୍ରୋଜେକ୍ଟ କୋଡିନେଟର ମହେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ସମସ୍ତ ଓପେପା କର୍ମକର୍ତ୍ତା ଯୋଗଦେଇଥିଲେ।